# ରାଉରକେଲା ମହାନଗର ନିଗମ, ରାଉରକେଲା

**ସଂଖ୍ୟା ନଂ** 1962 **ତା** 22/02/2023

**ଏତଦ୍ୱାରା ରାଉରକେଲା ମହାନଗର ନିଗମ ଅଧିନରେ ଡ଼ି.ଏ.ଭି ପୋଖରୀ** (DAV Pond) **ପରିସର ଭିତରେ** ନୂତନ ଭାବେ ନିର୍ମାଣ କରାଯାଇଥିବା ୧୮ ଗୋଟି ଦୋକାନ ଗୃହ କୁ ଲାଇସେନ୍ସ ସୂତ୍ରରେ ଆବଣ୍ଟନ କରିବା ପାଇଁ ସର୍ବସାଧରଣଙ୍କ ଠାରୁ ସର୍ବୋଚ ଅମାନତ ଜମା (Security Deposit) ଗ୍ରହଣ ନିମନ୍ତେ ବନ୍ଦ ଲଫାପା ଡ଼ାକମୂଲ୍ୟ ଆହ୍ୱାନ କରାଯାଉଅଛି। ଦୋକାନ ଗୃହର ଅବସ୍ଥିତି ମାପ ଓ ଅମାନତ ଜମା ରାଶି ,ଧାର୍ଯ୍ୟମୂଲ୍ୟ ନିମ୍ନ ଭାବେ ଉଲ୍ଲେଖ କରାଗଲା।

| କ୍ର :ନଂ | ବ୍ୟବସାୟ ପ୍ରକାର | ଦୋକାନ ନଂ | ପ୍ରତ୍ୟେକ ଦୋକାନ ଗୃହର ଆୟତନ | ପ୍ରତ୍ୟେକ ଦୋକାନର ଧାର୍ଯ୍ୟମୂଲ୍ୟ ରାଶି | ପ୍ରତ୍ୟେକ ଦେକାନର ଅମାନତ ରାଶି | ମାସିକ ଲାଇସେନ୍ସ ଫିସ୍ |
|---|---|---|---|---|---|---|
| 1 | **Food Items**<br>Fast Food, Tiffin, Juice, Ice cream, Bakery& Confectionary, Momo, Gupchup, Chat , Burger, Popcorn ,Fries, Tea & Coffee etc. | 4 ,5,6,7,8,9,10, 11,12,13, 14, 15 | 14' x 14' | 76499/- | 7,64,988/- | 7.00 per sq.ft |
| 2 | **Non- Food Items**<br>Gift, Toys, Ladies Stationary, Home Decor, Tattoo/ Mehendi, Craft, etc. | 1,2,3 16,17,18 | 14' x 14' | 76499/- | 7,64,988/- | 7.00 per sq.ft |

**ସର୍ତ୍ତାବଳୀ:-**

୧ ଇଚ୍ଛୁକ ଆବେଦନକାରୀ ତାଙ୍କର ନିଜସ୍ୱ ଡ଼ାକମୂଲ୍ୟ (ଧାର୍ଯ୍ୟ ହୋଇଥିବା ରାଶି ଠାରୁ ଅଧିକ) ସାଧାକାଗଜରେ ଉଲ୍ଲେଖ କରି ବନ୍ଦ ଲଫାପା ରେ Room No.38, Rourkela Municipal Corporation, Uditnagar, Rourkela, PIN- 769012 ଠିକଣା ରେ Speed Post/Registered Post/Courier ମାଧ୍ୟମରେ ପଠାଇ ପାରିବେ । **ସମସ୍ତ ଆବେଦନ ପତ୍ର ତା** 15/03/2023 **ରିଖ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ପହଂଚିବା ଆବଶ୍ୟକ।** ଡ଼ାକ ସମ୍ବନ୍ଧୀୟ ବିଳମ୍ବ ପାଇଁ ରାଉରକେଲା ମହାନଗର ନିଗମ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

୨. ଆବେଦନକାରୀ ସ୍ପଷ୍ଟ ଭାବରେ "DAV **Pond Shop No.----" & Type** ଲଫାପା ଉପରେ ଉଲ୍ଲେଖ କରିବା ଆବଶ୍ୟକ।

୩. ଧାର୍ଯ୍ୟ ମୂଲ୍ୟ ର ୧୦% (ଅମାନତ ରାଶି) ରାଉରକେଲା ସ୍ଥିତ କୌଣସି ଜାତୀୟ କରଣ ବ୍ୟାଙ୍କର Demand Draft (DD) ମ୍ୟୁନିସିପାଲ୍ କମିଶନର, ରାଉରକେଲା ମହାନଗର ନିଗମ (Municipal Commissioner, Rourkela Municipal Corporation) ଙ୍କ ନାମରେ ଉଠାଣ ହୋଇଥିବା ଉଚିତ୍। ଉକ୍ତ ପ୍ରାଥମିକ ଜମାରାଶିର ଡ୍ରାଫ୍ଟ ସଂଲଗ୍ନ ହୋଇନଥିବା ଡ଼ାକ ମୂଲ୍ୟ ଆବେଦନକୁ ବିଚାରକୁ ନିଆଯିବ ନାହିଁ। ଆଦେନକାରୀ ନିଜର ଫଟୋ ପରିଚୟ ପତ୍ର (ଆଧାର କାର୍ଡ଼/ଭୋଟର କାର୍ଡ଼) ସଂଲଗ୍ନ କରିବା ଆବଶ୍ୟକ।

୪. ଜଣେ ବ୍ୟକ୍ତି ଏକାଧିକ ଦୋକାନ ପାଇଁ ଆବେଦନ କରିପାରିବେ ନାହିଁ । ପରିବାରର ଅନ୍ୟ କୌଣସି ବ୍ୟକ୍ତିଙ୍କ ନାମରେ ମଧ୍ୟ ଅନ୍ୟ ଏକ ଦୋକାନ ପାଇଁ ଆବେଦନ କରିପାରିବେ ନାହିଁ।ଏକାଧିକ ଆବେଦନ ହୋଇଥିବା ପରିସ୍ଥିତିରେ ତନ୍ମଧ୍ୟରୁ ସର୍ବାଧିକ ଡ଼ାକମୂଲ୍ୟକୁ ବିଚାରକୁ ନିଆଯିବ।

୫. ସମସ୍ତ ଡ଼ାକମୂଲ୍ୟ ବନ୍ଦ ଲଫାପା ଗୁଡ଼ିକ ତା 16/03/2023 ପୂର୍ବାହ୍ନ ୧୦.୩୦ ଘଟିକା ରେ ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟରେ ଆବେଦନ କାରୀ/ପ୍ରତିନିଧି ଙ୍କ ସମ୍ମୁଖରେ ଖୋଲାଯାଇ ସର୍ବାଧିକ ଡ଼ାକମୂଲ୍ୟ ଆବେଦନକାରୀ ଚିହ୍ନଟ କରାଯିବ । ସଂପୃକ୍ତ ଆବେଦନକାରୀଙ୍କୁ ବଳକା ଡ଼ାକମୂଲ୍ୟ ଅମାନତ ଜମା ବାବଦ ସମ୍ପୂର୍ଣ୍ଣ ରାଶି ଏକକାଳୀନ ୭ ଦିନ ସମୟ ମଧ୍ୟରେ ପଇଠ କରିବାକୁ ହେବ। ଏଥିରେ ଖିଲାପ କଲେ କିମ୍ବା ଅନ୍ୟ କୌଣସି କାରଣ ବଶତଃ ପରବର୍ତ୍ତୀ ସର୍ବାଧିକ ଆବେଦନକାରୀଙ୍କୁ ବିଚାରକୁ ନିଆଯିବା ସ୍ଥଳେ ତାଙ୍କୁ ପ୍ରଥମ ସର୍ବାଧିକ ଡ଼ାକ ମୂଲ୍ୟ ରାଶି ଦେବାକୁ ପଡ଼ିବ।

୬. ଅସଫଳ ଡ଼ାକମୂଲ୍ୟ ଆବେଦନକାରୀଙ୍କ ଆବେଦନ ରାଶିର ଚେକ୍ ଆବଂଟନ ପ୍ରକ୍ରୀୟା ଚୂଡ଼ାନ୍ତ ପରେ ଫେରସ୍ତ କରାଯିବ।

୭. ଆବଣ୍ଟନକାରୀ ଦୋକାନ ଗୃହର ବିଦ୍ୟୁତ୍ ସଂଯୋଗ ଖର୍ଚ୍ଚ ଓ ମାସିକ ଦେୟ ନିଜସ୍ୱ ରୂପେ ବହନ କରିବେ ଓ ଆବଣ୍ଟିତ ପରିସରର structure ପରିବର୍ତନ ବା କୌଣସି ପୁନଃନିର୍ମାଣ କରି ପାରିବେ ନାହିଁ।

୮. ମାସିକ ଲାଇସେନ୍ସ ଫିସ୍ କେବଳ ମାର୍କେଟ ଦର ଜାଣିବା ପାଇଁ ଉଦ୍ଦିଷ୍ଟ ଅଟେ। ମାସିକ ଲାଇସେନ୍ସ ଫିସ୍ ବିଭିନ୍ନ ସମୟରେ ମାର୍କେଟ ଦରକୁ ନେଇ ମହାନଗର ନିଗମ ପରିଷଦ ସ୍ଥିରିକୃତ କରିବେ ଏବଂ ଏହା ଦୋକାନ ଗ୍ରହୀତାଙ୍କୁ ଦେବା ବାଧ୍ୟତାମୂଳକ ଅଟେ।

୯. ଦୋକାନ ପରିଚାଳିତ କରିବା ପୂର୍ବରୁ ଦୋକାନ ଗ୍ରହୀତା ମାନଙ୍କୁ ଫୁଡ୍ ଲାଇସେନ୍ସ, ଟ୍ରେଡ଼ ଲାଇସେନ୍ସ, ମେଡ଼ିକାଲ ଫିଟ୍‌ନେସ୍ ସାର୍ଟିଫିକେଟ ଉପଯୁକ୍ତ କର୍ତ୍ତୃପକ୍ଷ ଙ୍କ ଠାରୁ ଗ୍ରହଣ କରିବାକୁ ହେବ।

୧୦. ଉକ୍ତ ଆବଣ୍ଟନ ପ୍ରକ୍ରୀୟାରେ ମହାନଗର ନିଗମ କର୍ତ୍ତୃପକ୍ଷଙ୍କ ନିଷ୍ପତି ଚୂଡ଼ାନ୍ତ ଅଟେ। ମହାନଗର ନିଗମ କର୍ତ୍ତୃପକ୍ଷ କୋଣସି କାରଣ ନ ଦର୍ଶାଇ ଯେ କୌଣସି ଆବେଦନ କିମ୍ବା ସମ୍ପୂର୍ଣ୍ଣ ଆବଣ୍ଟନ ପ୍ରକ୍ରୀୟାକୁ ରଦ୍ଦ କରିପାରିବେ।

୧୧. ଏହି ବିଜ୍ଞାପନ ସମ୍ବନ୍ଧୀୟ ଅନ୍ୟ କୌଣସି ତଥ୍ୟ କିମ୍ବା ସ୍ପଷ୍ଟୀକରଣ ପାଇଁ ମହାନଗର ନିଗମ ର ଦୋକାନ ବିଭାଗ ( ରୁମ୍ ନଂ ୩୮) ଅଥବା ୮୪୫୫୯୬୧୯୬୦ ମୋବାଇଲ୍ ନମ୍ବରରେ ସମସ୍ତ କାର୍ଯ୍ୟ ଦିବସରେ ଦିନ ୧୦.୦୦ ରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ଯୋଗାଯୋଗ କରି ପାରିବେ।

ଆୟୁକ୍ତ

ରାଉରକେଲା ମହାନଗର ନିଗମ

**ଜ୍ଞାପକ ସଂଖ୍ୟା** 1963 **ତା** ୨୨/୦୨/୨୦୨୩

ଏହାର ଏକକିତା ନକଲ ନିର୍ଦ୍ଦେଶକ ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶା, ଭୁବନେଶ୍ୱରଙ୍କୁ ଏକ ବହୁଳ ପ୍ରସାରିତ ଦୈନିକ ଓଡ଼ିଆ ଖବର କାଗଜରେ(ସମସ୍ତ ସଂସ୍କରଣ) ତା ୨୩/୦୨/୨୦୨୩ ରିଖ ପ୍ରକାଶନ ପାଇଁ ଅନୁରୋଧ କରାଗଲା। Font size 8 point ରହିବା ଆବଶ୍ୟକ ଏବଂ ଏହାର ମୂଲ୍ୟ ବିଭାଗର ନିର୍ଦ୍ଧାରୀତ ମୂଲ୍ୟରେ ହେବା ଉଚିତ୍

ଏହାର ଏକକିତା ନକଲ MIS Programmer , www.rmc.nic.in **ରେ ପ୍ରକାଶନ କରିବା ପାଇଁ ନିର୍ଦ୍ଦେଶ ପ୍ରଦାନ କରାଗଲା।**

ଆୟୁକ୍ତ

ରାଉରକେଲା ମହାନଗର ନିଗମ